## ଶର୍ଟସର୍କିଟରୁ ଜଳିଗଲା ମୋବାଇଲ, ଗ୍ୟାସ ଦୋକାନ

ଭୋଗରାଇ,(ଡି.ଏନ.ଏ.): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଚନ୍ଦନେଶ୍ୱର ବଜାର ୟୁକୋ ବ୍ୟାଙ୍କ ସ୍ଥିତ ଏକ ବଡ଼ ମୋବାଇଲ ଓ ଗ୍ୟାସ୍ ଦୋକାନରେ ଗୁରୁବାର ମଧରାତ୍ରିରେ ବିଦ୍ୟୁତ ସଟ୍‌ସର୍କିଟ୍ ହୋଇ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ିଯାଇଛି। ଦୋକାନ ମାଲିକ ଚଞ୍ଚଳ ପଣ୍ଡା ଅଗ୍ନିକାଣ୍ଡ ଘଟିଥିବା ନେଇ ତାଳସାରୀ ମେରାଇନ୍ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

# ସଂକ୍ଷେପରେ

## ଗୋଳିହାରେ ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ

ଖଇରା, ୨୭।୮(ଡି.ଏନ.ଏ.)-ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଗୁରୁବାର ଖଇରା ବ୍ଲକ ଗୋଳିହା ପଞ୍ଚାୟତରେ ୩୪ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୧୮ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସରପଞ୍ଚ ପୁଷ୍ପଲତା ଘଡେଇ, ସମିତିସଭ୍ୟା ପ୍ରମିଳା ନାୟକ, ବିଜେଡି ନେତା ରମେଶ ଚନ୍ଦ୍ର ଘଡେଇ, ରବୀନ୍ଦ୍ର ବେହେରା, ପ୍ରଦୀପ ସାମଲ, ବ୍ଲକ ବିଜେଡି ମହିଳା ସଭାପତି ରଶ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

ସଜନାଗଡ଼, ୨୭।୮(ଡି.ଏନ.ଏ.)-ବାଲେଶ୍ୱର ଜିଲା ନୀଳଗିରି ବନବିଭାଗ ବରହମପୁର ଥାନା ଅଧୀନ ଅଁଳାପାଳ ଗ୍ରାମର ଗଣନାଥ ସିଂଙ୍କୁ ଦୁଇଟି ଭାଲୁ ଆକ୍ରମଣ କରି ଗୁରୁତର କରିଦେଇଛନ୍ତି। ଶୁକ୍ରବାର ଗଣନାଥ ଅଁଳାପାଳ ଜଙ୍ଗଲକୁ ଛତୁ ତୋଳିବାକୁ ଯାଇଥିବା ବେଳେ ଗୋଟିଏ ମା' ଭାଲୁ ଓ ଛୁଆ ଭାଲୁ ସମ୍ମୁଖରେ ପଡ଼ିଯାଇଥିଲେ। ଭାଲୁ ଦୁଇଟି ଗଣନାଥଙ୍କୁ ଆକ୍ରମଣ କରି ପଳାଇଯିବା ପରେ ଗୁରୁତର ଗଣନାଥଙ୍କୁ ପରିବାର ଲୋକେ ଉଦ୍ଧାର କରି ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରିଥିଲେ।

## ଯୋଗଦେଲେ ବ୍ଲକ ଶିକ୍ଷାଧିକାରୀ

ଭଣ୍ଡାରିପୋଖରୀ ,୨୭।୮ (ଡି.ଏନ.ଏ)-ଭଦ୍ରକ ଜିଲା ଭଣ୍ଡାରିପୋଖରୀରେ ନୂତନ ବ୍ଲକ ଶିକ୍ଷାଧିକାରୀ ଭାବେ ମଞ୍ଜୁବାଳା ନାୟକ ଶୁକ୍ରବାର ଯୋଗ ଦେଇଛନ୍ତି। ଏବିଇଓ ଅକ୍ଷୟ ଜେନା, ଅନିଲ ବଳ, ଉମେଶ ଜେନା, କାର୍ଯ୍ୟାଳୟ ସହାୟକ ନିଖିଲ ଦେ, ଆଲୋକ ରଞ୍ଜନ ବିଶ୍ୱାଳ, ମଳୟ ସେଠୀ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ।

## କଳା, କ୍ରୀଡା ଶିକ୍ଷକଙ୍କ ବୈଠକ

ଖଇରା, ୨୭।୮(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକରେ ବିଭିନ୍ନ ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ସାମୟିକ କଳା ଓ କ୍ରୀଡା ଶିକ୍ଷକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜ୍ଞାନରଞ୍ଜନ ଜେନା ବୈଠକରେ ସଭାପତିତ୍ୱ କରିଥିଲେ। ପ୍ରଥମେ ଚାକିରିର ସ୍ଥାୟିତ୍ୱ ଉପରେ ଆଲୋଚନା ପରେ ସଂଘ ମାଧ୍ୟମରେ ସମସ୍ତେ ଯୋଡି ହୋଇ ସରକାରଙ୍କଠାରେ ଦାବି ଉପସ୍ଥାପନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବ୍ଲକର ପିଟିଆଇ ସଂଘ ଜିଲା ଓ ରାଜ୍ୟ ସ୍ତରର ସଂଘକୁ ସମ୍ପୂର୍ଣ୍ଣ ସହଯୋଗ କରିବା ନେଇ ମତ ଦିଆଯାଇଥିଲା। ଜିଲା ସଭାପତି ଆଶିଷ ଗୋପାଳ ଦାସ, ବସ୍ତା ବ୍ଲକ ସଭାପତି ସଚ୍ଚିଦାନନ୍ଦ ରଣା, ସଦର ବ୍ଲକ ସଭାପତି ମରୁତ ରାଉତ ପ୍ରମୁଖ ସଂଘର ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ।

## ଭାଜପା କରଞ୍ଜିଆ ନଗର ମଣ୍ଡଳର କାର୍ଯ୍ୟକାରିଣୀ

କରଞ୍ଜିଆ,୨୭।୮ - ଭାଜପା କରଞ୍ଜିଆ ନଗର ମଣ୍ଡଳର ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ମହେଶ୍ୱର ସାହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ରାଜ୍ୟ ସମ୍ପାଦକ ନବୀନ ରାମ, ସମ୍ମାନିତ ଅତିଥି ଯଶିପୁର ବିଧାୟକ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମଣ୍ଡଳ ସାଙ୍ଗଠନିକ ପଶ୍ଚିମ ଜିଲାର ସାଧାରଣ ସମ୍ପାଦକ ଆଶିଷ ମହାନ୍ତ ଆଗାମୀ ପୌର ନିର୍ବାଚନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଦଳର ବରିଷ୍ଠ ନେତା କୃପାସିନ୍ଧୁ ମହାନ୍ତ, ପୂର୍ବତନ ବିଧାୟକ ପଦ୍ମ ଚରଣ ହାଇବ୍ରୁ, ମଣ୍ଡଳ ସଂଯୋଜକ ଜନାର୍ଦ୍ଦନ ବେହେରା ବକ୍ତବ୍ୟ ରଖିଥିଲେ। ନଗର ମଣ୍ଡଳ ସାଧାରଣ ସମ୍ପାଦକ ସୌରଭ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଠକରେ ୧୫ଟି ୱାର୍ଡର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ମଣ୍ଡଳ ଉପସଭାପତି ପ୍ରଦୀପ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## 'ନିଆରା ବ୍ୟକ୍ତିତ୍ୱ ଥିଲେ ଅପୂର୍ବ'

ଭଦ୍ରକ ଅଫିସ, ୨୭।୮ -ଭଦ୍ରକ ମାଟିର ନିଆରା ବ୍ୟକ୍ତିତ୍ୱ ଥିଲେ ସାହିତ୍ୟରତ୍ନ ଅପୂର୍ବ ରଞ୍ଜନ ରାୟ। ତାଙ୍କ ଅବର୍ତ୍ତମାନରେ ସାହିତ୍ୟ ଜଗତରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ଅପୂରଣୀୟ ବୋଲି ସ୍ୱର୍ଗତ ରାୟଙ୍କ ୫ମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅନୁଷ୍ଠିତ ସ୍ମୃତିସଭାରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅପୂର୍ବ ରଞ୍ଜନ ରାୟ ସ୍ମୃତି ସଂସଦ ଆନୁକୂଲ୍ୟରେ ଭାଗବତ କଲ୍ୟାଣ ମଣ୍ଡପଠାରେ ସ୍ମୃତିସଭା ହୋଇଥିଲା। ସଂସଦର ସଭାପତି ଅଜୟ ନାୟକ ଅଧ୍ୟକ୍ଷତା କରିଥିଲେ। ବରେଣ୍ୟ ଅତିଥି ଭାବେ ବେଦ ପୀୟୂଷର ସମ୍ପାଦକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ଅନ୍ୟତମ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଯୋଗଦେଇଥିଲେ। ବୈକୁଣ୍ଠ ବିଶ୍ୱାଳ ପ୍ରାକ୍ ସୂଚନା ପ୍ରଦାନ ଓ ଅତିଶ ବେହେରା ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ସମ୍ପାଦକ ପ୍ରବୀର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ସାହିତ୍ୟିକ ଭଗବାନ ଚନ୍ଦ୍ର ନାୟକଙ୍କୁ ଅପୂର୍ବ ରଞ୍ଜନ ରାୟ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ବିଦ୍ୟୁତ୍ କାର୍ଯ୍ୟାଳୟରେ ତାଲା ପକାଇଲେ

ବୈଶିଙ୍ଗା,୨୭।୮(ଡି.ଏନ.ଏ.)



ଧାରଣାରତ ଉପଭୋକ୍ତାମାନେ।

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଅଞ୍ଚଳରେ ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଘଣ୍ଟା ଘଣ୍ଟା ଧରି ବିଜୁଳି କାଟ ଲାଗି ରହୁଛି। ଦୈନିକ ପ୍ରାୟ ୫ରୁ ୬ ଘଣ୍ଟା ଅଘୋଷିତ ବିଦ୍ୟୁତ୍ କାଟ୍ ହେଉଛି। ସ୍ଥାନୀୟ ଟାଟା ପାୱାର କମ୍ପାନୀର ସେକ୍ସନ ଅଫିସକୁ ଫୋନ୍ କଲେ କୌଣସି କର୍ମଚାରୀ ଫୋନ ଉଠାଉ ନାହାନ୍ତି। ଗୁରୁବାର ରାତି ୯ଟାରୁ ଶୁକ୍ରବାର ସକାଳ ୭ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ହୋଇଥିଲା। ଏହି ସବୁ ଅବ୍ୟବସ୍ଥା ନେଇ ଉପଭୋକ୍ତାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶତାଧିକ ଉପଭୋକ୍ତା ଓ ସ୍ଥାନୀୟ ଜନ ସାଧାରଣ ଉତ୍ତେଜିତ ହୋଇ ସେକ୍ସନ ଅଫିସରେ ତାଲା ପକାଇ ଧାରଣାରେ ବସିଥିଲେ। ଖବର ପାଇ ବେତନଟୀ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ଶଶିଭୂଷଣ ପାଲ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସେପ୍ଟେମ୍ବର ୧୦ ତାରିଖ ସୁଦ୍ଧା ବିଭିନ୍ନ ସ୍ଥାନରେ ଚାଲିଥିବା ରକ୍ଷଣାବେକ୍ଷଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ସହ ଅଧିକ ତାଲିମପ୍ରାପ୍ତ କର୍ମଚାରୀ ନିଯୁକ୍ତି କରାଯାଇ ନିରନ୍ତର ବିଦ୍ୟୁତ୍ ସରବରାହ ଲାଗି ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଉତ୍ତେଜନାକୁ ଦୃଷ୍ଟିରେ ରଖି ଭାରପ୍ରାପ୍ତ ଥାନା ଅଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ଓ ବେଦପ୍ରକାଶ ନନ୍ଦଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଖବରଦାତା ବିମଳେନ୍ଦୁ ମହାପାତ୍ର,ସଞ୍ଜୟ ମିଶ୍ର,ସତ୍ୟପ୍ରକାଶ ପ୍ରଧାନ, ଦୀପକ ସିଂହ, ରବିନାରାୟଣ ପଣ୍ଡା,ପଙ୍କଜ କୁମାର ପଣ୍ଡା,ହେମନ୍ତ ପଣ୍ଡା, କଟ ସାହୁ, ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ପାଣିଗ୍ରାହୀ, ରଘୁନାଥ ରାଉତ, ଦୀପକ ପ୍ରଧାନ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

# ୭ ଏଟିଏମ୍ ଲୁଟେରା ଗିରଫ

କୁଳିଅଣା,୨୭।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅଧୀନ ଜମ୍ବିରା ଫାଣ୍ଡି ଅନ୍ତର୍ଗତ ସାନଦଉଳି ଛକରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ କରିଥିବା ୭ ଲୁଟେରାଙ୍କୁ ପଶ୍ଚିମବଙ୍ଗର ନୟାଗ୍ରାମ ଥାନା ପୋଲିସ ଶୁକ୍ରବାର ଗିରଫ କରିଛି। ଭୋର ୩ରୁ ୪ଟା ସମୟରେ ଲୁଟେରାମାନେ ବାଇକ୍ ଯୋଗେ ଆସି ସାନଦେଉଳି ଏଟିଏମ୍ ମେଶିନକୁ କଟର ସାହାଯ୍ୟରେ କାଟୁଥିଲେ। ଶବ୍ଦ ଶୁଣି ସେଠାର ଉପସ୍ଥିତ ଥିବା ଦୁଇ ହୋମଗାର୍ଡ ଅଜିତ ଧଳ ଓ ମନୋଜ ଦେଓ ଜମ୍ବୀରା ଫାଣ୍ଡିକୁ ଫୋନ କରିଥିଲେ। ଏଏସ୍‌ଆଇ ପ୍ରମୋଦ ନାୟକଙ୍କ ସହିତ ଦୁଇ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଯିବାରୁ ଲୁଟେରାମାନେ ସେଠାରୁ ପଳାଇ ଯାଇଥିଲେ। ଏନେଇ ପ୍ରତ୍ୟେକ ଥାନାକୁ ଖବର ଦିଆଯାଇଥିଲା। ପଶ୍ଚିମବଙ୍ଗର ନୟାଗ୍ରାମ ଥାନା ପୋଲିସ ଉକ୍ତ ଲୁଟେରାମାନଙ୍କୁ ଧରି ଚାନ୍ଦୁଆ ଥାନାକୁ ଖବର ଦେଇଥିଲା। ଥାନା ଆଇଆଇସି ବନାନୀ ବେହେରା, ବାରିପଦା ଏସଡିପିଓ କେ. କେ. ହରିପ୍ରସାଦ ନୟାଗ୍ରାମ ଥାନାକୁ ଯାଇ ଲୁଟେରାମାନଙ୍କୁ ଚାନ୍ଦୁଆ ଥାନାକୁ ଆଣିଥିବା ସୂଚନା ମିଳିଛି। ଗିରଫ ଲୁଟେରାମାନେ ହେଲେ ସୀତାନାଥ ଚାଟାର୍ଜୀ, ଶେଖ ଫିରୋଜ, ସାଜୁ ଖାନ, ପ୍ରକାଶ କୁମାର ପ୍ରସାଦ, ଆସ୍ରାବ ଅଲ୍ଲୀ ମୋଲ୍ଲଇ, ସନୁ ସିଂ, ଏସ.କେ. ସମୀର। ସେମାନଙ୍କୁ ଠାରୁ କଟର ମେଶିନ ଜବତ କରାଯାଇଛି। ଏନେଇ ଚାନ୍ଦୁଆ ଥାନାରେ ଏକ ମାମଲା(ନଂ.୭୮/୨୧) ରୁଜୁ ହୋଇଛି।

# ଚକ୍ଷୁ ଚିକିତ୍ସାଳୟର ଅତ୍ୟାଧୁନିକ ବହିର୍ବିଭାଗ ଉଦ୍‌ଘାଟିତ

ବାଲେଶ୍ୱର ଅଫିସ, ୨୭।୮

ବାଲେଶ୍ୱର ସହର ରାଜବଗିଚାସ୍ଥିତ ଲାୟନ୍ସ କ୍ଲବ ପରିସରରେ ଚକ୍ଷୁ ଚିକିତ୍ସାଳୟର ୬୬୦୦ ବର୍ଗଫୁଟ୍ ବିଶିଷ୍ଟ ନୂତନ କୋଠାଘର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସମସ୍ତ ଅତ୍ୟାଧୁନିକ ଚକ୍ଷୁ ଚିକିତ୍ସା ଉପକରଣ ଓ ଅଲଟ୍ରା ଆଧୁନିକ ବହିର୍ବିଭାଗ ଉପଲବ୍ଧ ରହିଛି। ମୁଖ୍ୟଅତିଥି ଭାବେ ପଶ୍ଚିମବଙ୍ଗ ରାଜ୍ୟ ବାଙ୍କୁରାର ପୂର୍ବତନ ଅନ୍ତର୍ଜାତୀୟ ନିର୍ଦ୍ଦେଶକ ବିଷ୍ଣୁ ବାଜୋରିଆ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ୍ ଜଗଦ୍ଦେବ, ଲାୟନ୍ସ କ୍ଲବ ଜିଲା ଗଭର୍ନର ଶ୍ରୀଭଗବୱାନ ଗୁପ୍ତା ଏବଂ ବାଲେଶ୍ୱର ଲାୟନ୍ସ ଚକ୍ଷୁ ଚିକିତ୍ସାଳୟର ଅଧ୍ୟକ୍ଷ ସୁନୀଲ ମୋଦି ଉପସ୍ଥିତ ଥିଲେ। ଏଥିସହିତ ରାଜ୍ୟସଭାର ଏମପି ତଥା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଏମ୍‌ପି ପାଣ୍ଠିରୁ କିଣାଯାଇଥିବା ଚକ୍ଷୁ ଡାକ୍ତରଖାନାରୁ ରୋଗୀଙ୍କୁ ଆଣିବା ପାଇଁ ଏକ ଆମ୍ବୁଲାନ୍ସ ମଧ୍ୟ ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା।

କାର୍ଯ୍ୟକ୍ରମକୁ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟର ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସ ପରିଚାଳନା କରିଥିଲେ। ଗତ ୧୫ବର୍ଷ ଧରି ସମାଜ ପାଇଁ ସେବା କରୁଥିବା ବାଲେଶ୍ୱର ଲାୟନ୍ସ ଚକ୍ଷୁ ଚିକିତ୍ସାଳୟ ଏବଂ ବିଭିନ୍ନ ବ୍ଲକର ଶିବିର ଆୟୋଜନ କରାଯାଇ ଦେଢ଼ ଲକ୍ଷ ରୋଗୀଙ୍କୁ ପରୀକ୍ଷା କରାଯାଇଛି। ଉକ୍ତ ସମୟ ମଧ୍ୟରେ ମାଗଣା ମୋତିଆବିନ୍ଦୁ ସର୍ଜରୀ ମାଧ୍ୟମରେ ୧୫ହଜାରରୁ ଊର୍ଦ୍ଧ୍ୱ ବୟସ୍କ ନାଗରିକ ଦୃଷ୍ଟିଶକ୍ତି ପୁନଃ ଫେରି ପାଇଛନ୍ତି। ଚକ୍ଷୁ ଚିକିତ୍ସା ସେବାଗୁଡିକର ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି କ୍ଲବ ପକ୍ଷରୁ ସମସ୍ତ ଅତ୍ୟାଧୁନିକ ଚକ୍ଷୁ ଚିକିତ୍ସା ଉପକରଣ ସହିତ ସୁସଜ୍ଜିତ ଏକ ନୂତନ ଅଲଟ୍ରା ଆଧୁନିକ ବହିର୍ବିଭାଗ ଆବଶ୍ୟକତା ଥିବା ସୂଚନା ଦେଇଥିଲେ। କ୍ଲବ ସଚିବ ରାଜେଶ କୁମାର ଖଣ୍ଡେଲୱାଲ, ସଦସ୍ୟ ଚନ୍ଦ୍ର ପ୍ରକାଶ ଭାଞ୍ଜିଆ, ରାଜେନ୍ଦ୍ର ଗୁପ୍ତା, ବିଷ୍ଣୁ ମାରୁ, ରାଜ ଖଣ୍ଡେଲୱାଲ ପ୍ରମୁଖ ସହଯୋଗ କରିଥିଲେ।


ଅତିଥିଙ୍କ ଦ୍ୱାରା ଅତ୍ୟାଧୁନିକ ବହିର୍ବିଭାଗ ଉଦ୍‌ଘାଟନ କରାଯାଉଛି।

## ପରୀକ୍ଷା କେନ୍ଦ୍ରରେ ସୁରକ୍ଷା କଡ଼ାକଡ଼ି

କେନ୍ଦୁଝର, ୨୭।୮(ଡି.ଏନ.ଏ.)

ରାଜସ୍ୱ ନିରୀକ୍ଷକ ପଦବୀ ପାଇଁ ଆସନ୍ତା ରବିବାର ଲିଖିତ ପରୀକ୍ଷା ହେବ। କେନ୍ଦୁଝର ଜିଲାର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ପରିଚାଳନା ନିମନ୍ତେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଜିଲାପାଳ ଆଶିଷ ଠାକରେଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଜିଲାର ୩୯ କେନ୍ଦ୍ରରେ ୮୦୭୪ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ସହ ଆଇନଶୃଙ୍ଖଳା ରକ୍ଷା ଦିଗରେ ପଦକ୍ଷେପ ନେବାକୁ ଆରକ୍ଷୀ ଅଧୀକ୍ଷକଙ୍କୁ ଅନୁରୋଧ କରାଯାଇଛି। ଅଗ୍ନିଶମ ବିଭାଗ ପକ୍ଷରୁ ସମସ୍ତ ପରୀକ୍ଷା କେନ୍ଦ୍ରକୁ ସାନିଟାଇଜ କରାଯାଇଛି। ସୁପରିଚାଳନା ନିମନ୍ତେ ସବୁ କେନ୍ଦ୍ରରେ ଆସିଷ୍ଟାଣ୍ଟ ଅବ୍‌ଜରଭର ନିଯୁକ୍ତ ହୋଇଛନ୍ତି। ଷ୍ଟ୍ରଙ୍ଗରୁମ୍‌ରୁ ପରୀକ୍ଷା କେନ୍ଦ୍ର ପ୍ରଶ୍ନପତ୍ର ନେବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ ସୂଚନା ଦେଇଛନ୍ତି। ଏହାବ୍ୟତୀତ ପରୀକ୍ଷାର୍ଥୀମାନଙ୍କ ଯାତାୟାତ ନିମନ୍ତେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଜରିଆରେ ଘରୋଇ ବସ୍ ଓ ଅଟୋ ମାଲିକ ସଂଘକୁ ଆବଶ୍ୟକ ଯାନ ବ୍ୟବସ୍ଥା ପାଇଁ କୁହାଯାଇଛି।

# ବିଦ୍ୟୁତ୍ ସମସ୍ୟା ସମାଧାନ ଦାବି


ବିଦ୍ୟୁତ୍ ସମସ୍ୟାର ସୁଧାରିବା ଲାଗି ଦାବିପତ୍ର ଦିଆଯାଉଛି।

ବାଲେଶ୍ୱର ଅଫିସ, ୨୭।୮

ବାଲେଶ୍ୱର ଜିଲା ଉତ୍ତର ଓଡ଼ିଶା ବିଦ୍ୟୁତ୍ ଗ୍ରାହକ ସଂଘ (ଏନଓସିସିଆଇ) ତରଫରୁ ଏକ ପ୍ରତିନିଧି ମଣ୍ଡଳୀ ବିଭିନ୍ନ ବିଦ୍ୟୁତ୍ ସମସ୍ୟା ନେଇ ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍)ର ଚିଫ୍ ମ୍ୟାନେଜର ଅପରେଶନ ଦୁଷ୍ମନ୍ତ ତ୍ୟାଗୀଙ୍କୁ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରିଛନ୍ତି। ବିଳମ୍ବରେ ମିଟର ରିଡ଼ିଂ, ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ସମ୍ପର୍କରେ ଆଲୋଚନା କରିଛନ୍ତି। ଗତ ଜୁନ୍ ୯ରେ ଦେଇଥିବା ଦାବିପତ୍ରର ପ୍ରତିଶ୍ରୁତି ପାଳନ ହୋଇ ନ ଥିବାରୁ ପ୍ରତିନିଧି ମଣ୍ଡଳୀ କ୍ଷୋଭ ପ୍ରକାଶ କରିଥିଲେ। ତ୍ୟାଗୀ ୨ ମାସ ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବିଳମ୍ବରେ ମିଟର ରିଡ଼ିଂ ଫଳରେ ଗ୍ରାହକମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏ ବିଷୟରେ ୨ ଦିନ ମଧ୍ୟରେ ଖବରଦାତା ସମ୍ମିଳନୀ ଡକାଇ ସାଧାରଣ ଜନତାଙ୍କୁ ଆଶ୍ୱସ୍ତି ପ୍ରଦାନ ପାଇଁ ସଂଘ ତରଫରୁ ଅନୁରୋଧ କରାଯାଇଥିଲା। ସଂଘ ଆବାହକ ଗିରିଜା ଶଙ୍କର ଦାସଙ୍କ ନେତୃତ୍ୱରେ ସଦାନନ୍ଦ ମହାନ୍ତି, ବିଜୟ ପାଣିଗ୍ରାହୀ, ମାନସ ଦାସ, ବିକ୍ରମ ପଣ୍ଡା, ପାର୍ଥ କର ପ୍ରମୁଖ ଯୋଗ ଦେଇଥିଲେ।

# ବାଲେଶ୍ୱର ଆଲଏଜ ପକ୍ଷରୁ ସ୍ଥାୟୀ କର୍ମଚାରୀଙ୍କୁ ସହାୟତା


ସ୍ଥାୟୀ କର୍ମଚାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

ବାଲେଶ୍ୱର ଅଫିସ, ୨୭।୮

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁରସ୍ଥିତ ବାଲେଶ୍ୱର ଆଲଏଜ କାରଖାନାର ସ୍ଥାୟୀ ଶ୍ରମିକମାନଙ୍କୁ ଶୁକ୍ରବାର କମ୍ପାନୀ ତରଫରୁ ୫ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦିଆଯାଇଛି। ଆଗାମୀ ଦିନରେ କମ୍ପାନୀର ସ୍ଥାୟୀ ସମସ୍ୟାର ପ୍ରତିକାର ଏବଂ କାରଖାନାର ଚଳାଚଳ କରିବା ପାଇଁ ଚେଷ୍ଟା କରାଯାଉଥିବା ହିନ୍ଦ୍ ମଜଦୁର ସଂଘ (ଏଚ୍‌ଏମ୍‌ଏସ୍)ର ସଭାପତି ଅରୁଣ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

# ୩ ବର୍ଷ ପରେ ପଞ୍ଚାୟତ ସମିତି ବୈଠକ

ପାଟଣା,୨୭।୮ (ସ୍ୱ.ପ୍ର.)

୩ବର୍ଷ ବ୍ୟବଧାନ ପରେ କେନ୍ଦୁଝର ଜିଲା ସାହାରପଡ଼ା ପଞ୍ଚାୟତ ସମିତିର ୧୦ମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ରମ୍ଭାବତୀ ଦେହୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ ଓ ବିଡିଓ ଲମ୍ବୋଦର ଖୁଣ୍ଟିଆ ଯୋଗଦେଇ ବିଭିନ୍ନ ବିଭାଗର ସମୀକ୍ଷା କରିଥିଲେ। ଏଥିସହ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ଲାଗି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କପୁଣ୍ଡି ସମିତିସଭ୍ୟ ମହେଶ୍ୱର ପୃଷ୍ଟି ୩ ବର୍ଷ ହେଲା କାହିଁକି ପଞ୍ଚାୟତ ସମିତି ବୈଠକ ଡକାଯାଇ ନ ଥିଲା ବୋଲି ପ୍ରଶ୍ନ ଉଠାଇଥିଲେ। କପୁଣ୍ଡି ପଞ୍ଚାୟତ ରେଙ୍ଗାଳବେଡା ଗାଁର ୮୦ ବର୍ଷୀୟା ରୁପା ମହାନ୍ତ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ନେଇ ସମିତିସଭ୍ୟ ପୃଷ୍ଟି ଦୃଷ୍ଟି ଆକର୍ଷଣ କରିବାରୁ ବିଧାୟକ ଖୁବ୍‌ଶୀଘ୍ର ଭତ୍ତା ପ୍ରଦାନ ପ୍ରତିଶ୍ରୁତି ଦେଇଥିଲେ। ତେଣ୍ଡେରା ସରପଞ୍ଚ ରାଜ ବଲ୍ଲଭ ଦେହୁରୀ ମଧୁବାବୁ ପେନ୍‌ସନ ଯୋଜନାରେ ବହୁ ହିତାଧିକାରୀ ଲାଭ ଉଠାଇ ପାରି ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ମୃତ୍ତିକା ସଂରକ୍ଷଣ ବିଭାଗର କୌଣସି ଅଧିକାରୀ ବୈଠକରେ ଯୋଗ ଦେଇ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ ସିଲିପଦା ସମିତିସଭ୍ୟ ଗୌତମ ମହାନ୍ତ ବର୍ମା। ତହସିଲଦାର ବାବାଜି ଚରଣ ସିଂ, ଉପାଧ୍ୟକ୍ଷା କିରଣବାଳା ସିଂ, ଜିଲା ପରିଷଦ ସଦସ୍ୟା କୌଶଲ୍ୟା ନାଏକ, ଏମ୍‌ପିଙ୍କ ପ୍ରତିନିଧି ରବୀନ୍ଦ୍ରନାଥ ନାଏକ, ସହକାରୀ ଯନ୍ତ୍ରୀ ଶୁକେସ୍ମିତା ନାୟକଙ୍କ ସହ ବ୍ଲକର ସମସ୍ତ ଅଧିକାରୀ, ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ।

## ମହିଳାଙ୍କ ବେକରୁ ସୁନାଚେନ ଝାମ୍ପିନେଲେ

ଭଣ୍ଡାରିପୋଖରୀ, ୨୭।୮ (ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ତୋରତ ନିକଟରେ ଶୁକ୍ରବାର ଅପରାହ୍ନରେ ଜଣେ ମହିଳାଙ୍କ ବେକରୁ ସୁନାଚେନ ଝାମ୍ପି ନେଇଛନ୍ତି ଦୁର୍ବୃତ୍ତ। ଏନେଇ ମହିଳା ଜଣଙ୍କ ଭଣ୍ଡାରିପୋଖରୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଲୁଟ୍‌ର ଶିକାର ହୋଇଥିବା ମହିଳା ହେଲେ ଯାଜପୁର ଜିଲା ରାମଚନ୍ଦ୍ରପୁର ଥାନା ଅଧୀନ ବାଲିଆ ଗ୍ରାମର ମମତା ସାହୁ। ଶୁକ୍ରବାର ସେ ସ୍ୱାମୀ ଶ୍ୟାମସୁନ୍ଦରଙ୍କ ସହ ଭଦ୍ରକ ବାଗୁରାଇରୁ ଘରକୁ ଫେରୁଥିବା ବେଳେ ଦୁଇଜଣ ଦୁର୍ବୃତ୍ତ ବାଇକ୍‌ରେ ପିଛା କରି ତାଙ୍କ ବେକରୁ ଚେନ ଝାମ୍ପି ନେଇ ଦ୍ରୁତଗତିରେ ପଳାଇ ଯାଇଥିଲେ।

## ବେବି ଫୁଡ଼ ପ୍ରୋଜେକ୍ଟ ବ୍ଲକ ଅଫିସ ଉଦ୍‌ଘାଟନ

ଚିତ୍ରଡ଼ା,୨୭।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା କଲେଜ ଛକ ନିକଟରେ ମହିଳା ଏବଂ ଶିଶୁଙ୍କୁ ସୁଷମ ଖାଦ୍ୟ ବଣ୍ଟନ ପାଇଁ ସାଇ ଟ୍ରଷ୍ଟ ଓଡ଼ିଶା ପକ୍ଷରୁ ବେବି ଫୁଡ଼ ପ୍ରୋଜେକ୍ଟର ଏକ ବ୍ଲକ ଅଫିସ ଉଦ୍‌ଘାଟିତ ହୋଇ ଯାଇଛି। ବ୍ଲକ ସଂଯୋଜକ ସତ୍ୟକାନ୍ତ ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଜିଲା ସଂଯୋଜକ ନରୋତ୍ତମ ପାଣିଗ୍ରାହୀ, ଜିଲା ସମ୍ପାଦକ ସନ୍ତୋଷ କୁମାର ମହାନ୍ତି, ଜିଲା କୋଷାଧ୍ୟକ୍ଷ ସଞ୍ଜୟ କୁମାର ମହାନ୍ତ ଏବଂ ରାସଗୋବିନ୍ଦପୁର ବ୍ଲକ ସଂଯୋଜକ ଗୋପୀନାଥ ଦତ୍ତ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ। ଏଥିରେ ୨୦ଟି ପଞ୍ଚାୟତର ସହ ସଂଯୋଜକମାନଙ୍କୁ ସେମାନଙ୍କ କାର୍ଯ୍ୟ ସମ୍ପାଦନ ବିଷୟରେ ଜିଲା ସଂଯୋଜକ ପାଣିଗ୍ରାହୀ ସୂଚନା ପ୍ରଦାନ କରିଥିଲେ।

# ସିପିଆଇଏମ୍‌ର ବିକ୍ଷୋଭ

ଭଦ୍ରକ ଅଫିସ, ୨୭।୮

ସିପିଆଇଏମ୍ ଭଦ୍ରକ ଜିଲା କମିଟି ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କମିଟି ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ଭଦ୍ରକ ସହର ପରିକ୍ରମା କରିଥିଲା। ଏହାପରେ ବାଲଗୋପାଳ ମନ୍ଦିର ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଜନାର୍ଦ୍ଦନ ପତି, ସନ୍ତୋଷ ଦାସ, ନିର୍ମଳ ନାୟକ, ଜିଲା ସମ୍ପାଦକ ଦିବ୍ୟସିଂହ ନାୟକ, ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ଚନ୍ଦ୍ରଶେଖର ନାୟକ, ପ୍ରଫୁଲ୍ଲ ପାଢ଼ୀ, ପ୍ରଭାସ ମହାପାତ୍ର, ମଳୟ ଭୋଇ, ଜିଲା କମିଟି ସଦସ୍ୟ ବିକାଶ ନାଥ, ରାଧା ଦାସ, ବରିଷ୍ଠ ନେତା ରବି ପଟ୍ଟନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ। ଜାତୀୟ ସମ୍ପତ୍ତି ବିକ୍ରି କରୁଥିବା କହି ମୋଦି ସରକାର ଗାଦି ଛାଡ଼ ବୋଲି ଦାବି କରାଯାଇଛି। ଏହାବ୍ୟତୀତ ଐତିହାସିକ ଚାଷୀ ଆନ୍ଦୋଳନ ୨୦୨୦-୨୦୨୧କୁ ଗାଁକୁ ନେଇଯିବା ପାଇଁ ସମ୍ମିଳନୀରେ ନେତୃବୃନ୍ଦ କର୍ମୀମାନଙ୍କୁ ଆହ୍ୱାନ ଜଣାଇଥିଲେ। ଆସନ୍ତା ପଞ୍ଚାୟତ ନିର୍ବାଚନ ଓ ଜିଲାର ବିଭିନ୍ନ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାଚନରେ ସିପିଆଇଏମ୍ ଲଢ଼ିବା ନିମନ୍ତେ ପ୍ରସ୍ତୁତ ହେବାକୁ କର୍ମୀମାନଙ୍କୁ ସେମାନେ ପରାମର୍ଶ ଦେଇଛନ୍ତି।



ସିପିଆଇଏମ୍ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

# କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନକୁ ଗୁହାରି

## ଅସ୍ତ୍ରୋପଚାରରେ ତ୍ରୁଟି ଯୋଗୁ ଯନ୍ତ୍ରଣା ଭୋଗିଲେ ଜନାର୍ଦ୍ଦନ

ଆରଡ଼ି, ୨୭।୮ (ଡି.ଏନ.ଏ.)


ଜନାର୍ଦ୍ଦନ ବେହୁରିଆ।

୩ ବର୍ଷ ତଳେ ପାଦରେ ଫୁଟି ଯାଇଥିଲା ଲୁହା କଣ୍ଟା। ସେଇ କଣ୍ଟା ହିଁ ବଦଳାଇଦେଲା ଜୀବନର ମୋଡ଼। ଅସ୍ତ୍ରୋପଚାରରେ ତ୍ରୁଟି ଯୋଗୁ ଅସହ୍ୟ ଯନ୍ତ୍ରଣା ଭୋଗିଛନ୍ତି ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ଓଳଗ ଗ୍ରାମର ରାଜମିସ୍ତ୍ରି ଜନାର୍ଦ୍ଦନ ବେହୁରିଆ। ଚିକିତ୍ସା ପାଇଁ ଜମିବାଡ଼ି ବିକି ସାରିଥିବା ବେଳେ ପାଖରେ ଆଉ ଅର୍ଥ ନାହିଁ। ସେ ଏବେ ଅସହାୟ ହୋଇପଡ଼ିଛନ୍ତି। ଏଭଳି ଦାୟିତ୍ୱହୀନତା ପାଇଁ ଅସ୍ତ୍ରୋପଚାର କରିଥିବା ଜନୈକ ପ୍ରଫେସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ତାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ଲାଗି ସେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

ଜନାର୍ଦ୍ଦନ କହନ୍ତି, କଣ୍ଟା ଫୁଟିଥିବା ଡାହାଣ ପାଦରେ ଏକ ଘା' ସୃଷ୍ଟି ହୋଇଥିଲା। ତାହା ନ ଶୁଖିବାରୁ ବାରମ୍ବାର ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ଓ କଟକ ବଡ଼ ଡାକ୍ତରଖାନାକୁ ଯାଇ ନିଜର ସଞ୍ଚିତ ଅର୍ଥ ସରିଗଲା। ପରେ କଟକ ମେଡିକାଲ ଡାକ୍ତର ଆଣ୍ଠୁଠାରୁ ତଳକୁ କଟାଯିବ ବୋଲି କହିଥିଲେ। ୨୦୧୯ ଡିସେମ୍ବର ୭ରେ କଟକ ବଡ଼ ଡାକ୍ତରଖାନାରେ ଜନୈକ ପ୍ରଫେସରଙ୍କ ତତ୍ତ୍ୱାବଧାନରେ ଅସ୍ତ୍ରୋପଚାର କରାଯାଇଥିଲା। ଆଉ କିଛି ଅସୁବିଧା ନାହିଁ ବୋଲି ପ୍ରଫେସରଙ୍କ ଆଶ୍ୱାସନା ପରେ ସେ ସେହି ମାସ ୩୧ରେ ଘରକୁ ଫେରିଥିଲେ। ମାସକ ତଳେ କୃତ୍ରିମ ଗୋଡ଼ ଲଗାଇବା ପାଇଁ ସେ ଭଦ୍ରକ ଡାକ୍ତରଖାନା ଯାଇଥିଲେ। ସେଠାରେ ଡାକ୍ତର ତାଙ୍କର ଅସ୍ତ୍ରୋପଚାର ହୋଇଥିବା ସ୍ଥାନରେ ଏକ ବଥ ବାହାରିଛି ଓ ଏହା ଶୁଖିଲେ କୃତ୍ରିମ ଗୋଡ଼ ଦିଆଯିବ ବୋଲି କହିଥିଲେ। ସେହି ବଥ ପାଇଁ ବହୁ ଔଷଧ ଖାଇଥିଲେ ମଧ୍ୟ ଶୁଖିବା ପରିବର୍ତ୍ତେ ଅଧିକ ଯନ୍ତ୍ରଣା ଭୋଗିବାକୁ ପଡ଼ିଲା। ଫଳରେ ସେ ନିରୂପାୟ ହୋଇ ଅସ୍ତ୍ରୋପଚାର କରିଥିବା ଜନୈକ ପ୍ରଫେସରଙ୍କ ପାଖକୁ ଯାଇଥିଲେ। ପରାମର୍ଶ ଅନୁଯାୟୀ ସେ ଔଷଧ ଖାଇଥିଲେ ବି କୌଣସି ସୁଫଳ ମିଳିଲା ନାହିଁ। ପୁନର୍ବାର ସେ କଟକ ଡାକ୍ତରଖାନାକୁ ଯିବାରୁ ସେଠାରେ ଅନ୍ୟ ଡାକ୍ତର ଅସ୍ତ୍ରୋପଚାର ସ୍ଥାନରୁ ମାଂସ ସଂଗ୍ରହ କରି ପରୀକ୍ଷା ପାଇଁ ମୁମ୍ବାଇ ପଠାଇଥିଲେ। ୭ଦିନ ପରେ କୌଣସି ଅସୁବିଧା ନ ଥିବା ରିପୋର୍ଟ ଆସିଥିଲା। କିନ୍ତୁ ଏହାର କିଛିଦିନ ପରେ ସେହି ସ୍ଥାନରେ କଳା ଦିଶୁଥିବା ସୂତା ଦେଖି ସେ ଭଦ୍ରକ ମେଡିକାଲକୁ ଯିବାରୁ ୨ ଖଣ୍ଡ ସୂତା ବାହାର କରାଯାଇଥିଲା। ଅସ୍ତ୍ରୋପଚାରଠାରୁ ଏହା ମଧ୍ୟରେ ହଜାର ହଜାର ଟଙ୍କା ସାରିବା ସହ ତାଙ୍କୁ ବହୁ ଯନ୍ତ୍ରଣା ଭୋଗିଥିବା ପାଇଁ ଜନୈକ ପ୍ରଫେସରଙ୍କୁ ଦାୟୀ କରିଛନ୍ତି। ଏ ସମ୍ପର୍କରେ ଉକ୍ତ ପ୍ରଫେସରଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇଥିବା ବେଳେ ସେ ଏହାକୁ ଅସ୍ୱୀକାର କରିଛନ୍ତି।

## ଗଛରୁ ପଡ଼ି ଜୀବନ ଗଲା

ସାରସକଣା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ବଣଗାଁ ଗ୍ରାମରେ ଗଛରୁ ପଡ଼ି ଜଣେ ନାବାଳକଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ସେ ହେଲେ ରତନ ସିଂଙ୍କ ପୁଅ ଶମ୍ଭୁ (୧୬)। ସାଙ୍ଗମାନଙ୍କ ସହ ଦ୍ୱିପ୍ରହରରେ ଗଛରେ ଚଢ଼ି ଖେଳୁଥିବା ବେଳେ ତଳକୁ ଖସିପଡ଼ି ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଝାରପୋଖରିଆ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା (ନଂ.୩୪/୨୧) ରୁଜୁ ହୋଇଛି।

## ସଂକ୍ଷେପରେ

### ଲୁଟ୍ ସହ ହତ୍ୟା ଧମକ

ଭଦ୍ରକ ଅଫିସ, ୨୭।୮-ଭଦ୍ରକ ଜିଲା ପୁରୁଣାବଜାର ଥାନା ଅଧୀନ ଗରଦପୁର ମହାବୀର ବଗିଚାଠାରେ ଗୁରୁବାର ବିଳମ୍ବିତ ରାତିରେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍ କରିଛନ୍ତି ଦୁର୍ବୃତ୍ତ। ଏଥିସହ ଅଭିଯୋଗ କଲେ ହତ୍ୟା ଧମକ ଦିଆଯାଇଥିବା ନେଇ ଲୁଟ୍‌ର ଶିକାର ହୋଇଥିବା ଜୟନ୍ତୀ ଦାସ ଥାନାରେ ଏତଲା ଦେଇଛନ୍ତି। ସୂଚନା ଅନୁଯାୟୀ, ଗରଦପୁରର ଜୟନ୍ତୀଙ୍କୁ ଅଟକାଇ ୩ ଦୁର୍ବୃତ୍ତ ତାଙ୍କ ବେକରୁ ସୁନାଚେନ ଲୁଟି ନେଇଥିଲେ। ତାଙ୍କ ସ୍ୱାମୀ ମଧୁସୂଦନ ଦାସ ଓ ପୁଅ ବିଶ୍ୱସ୍ୱରୂପ ବିରୋଧ କରିବାରୁ ସେମାନେ ଆକ୍ରମଣ କରିଥିଲେ। ସମସ୍ତେ ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ପୁରୁଣାବଜାର ଥାନା ପୋଲିସ ମାମଲା(ନଂ.୨୯୨/୨୧) ରୁଜୁ କରି ତଦନ୍ତ ଚଳାଇଛି।

### ଜବତ ହେଲା ଗୋରୁ ବୋଝେଇ ଗାଡ଼ି

ବାସୁଦେବପୁର,୨୭।୮(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁରର ଚୁଡ଼ାମଣି ରାସ୍ତାରୁ ଏକ ଗୋରୁ ବୋଝେଇ ଗାଡ଼ି ଚୁଡ଼ାମଣି ସାମୁଦ୍ରିକ ଥାନା ପୋଲିସ ଜବତ କରିଛି। ଉକ୍ତ ଗାଡ଼ିରୁ ୧୦ ଗୋରୁଙ୍କୁ ପୋଲିସ ଉଦ୍ଧାର କରି ମଇତାପୁର ଗୋଶାଳାରେ ଛାଡ଼ିଛି। ଗୋ ଚାଲାଣରେ ସମ୍ପୃକ୍ତ ୨ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ରାଧାନାଥପୁର ଗ୍ରାମର ଶିବ ମଣ୍ଡଳ ଓ କିସ୍ମତ କୃଷ୍ଣପୁରର ଗଣେଶ ବାରିକ। ଏନେଇ ଚୁଡ଼ାମଣି ସାମୁଦ୍ରିକ ଥାନାରେ ମାମଲା(ନଂ.୧୦୧/୨୧) ରୁଜୁ ହୋଇଛି।

### ଦୁର୍ଘଟଣାରେ ଗୁରୁତରଙ୍କ ମୃତ୍ୟୁ, କ୍ଷତିପୂରଣ ଦାବି

ପାଟଣା, ୨୭।୮(ସ୍ୱ.ପ୍ର.)-କେନ୍ଦୁଝର ଜିଲା ଢେଙ୍କିକୋଟ ପାଟଣା ଦେଇ ଯାଇଥିବା ୨୨୦ ନଂ. ଜାତୀୟ ରାଜପଥର ମଲ୍ଲୀପଶି ନିକଟରେ ଏକ ବାଲି ବୋଝେଇ ହାଇୱା ଚଢ଼ିଯିବାରୁ ଗୁରୁତର ଥିବା ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପଲାଶ ଘାଟି ପଞ୍ଚାୟତ କୁମୁଲା ବାହାଲୀ ଖଇରନ୍ଧା ସାହିର ପଦ୍ମଲୋଚନ ଟୁଡୁ (୩୫)। ଦୁର୍ଘଟଣା ଘଟାଇ ଫେରାର ଥିବା ଗାଡ଼ିକୁ ଧରି ପୋଲିସ ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବାର ବ୍ୟବସ୍ଥା କରାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଗତ ୨୦ ତାରିଖରେ ଘଟିଥିବା ଏହି ଦୁର୍ଘଟଣାରେ ଗୁରୁତର ହୋଇ ପଦ୍ମଲୋଚନ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁ ପରେ ସ୍ତ୍ରୀ, ଛୋଟ ଦୁଇ ପୁଅ ଓ ଝିଅ ବେସାହାରା ହୋଇପଡ଼ିଛନ୍ତି।

### ସଂସ୍କୃତ ସପ୍ତାହ ମହୋତ୍ସବ

ସଜନାଗଡ଼, ୨୭।୮(ଡି.ଏନ.ଏ.)-ବାଲେଶ୍ୱର ଜିଲା ନୀଳଗିରିସ୍ଥିତ ଅଖିଳ ଭାରତ ଅମୃତବାଣୀ ସେବା ପ୍ରତିଷ୍ଠାନ ପକ୍ଷରୁ ଆଭାଷୀ ମାଧ୍ୟମରେ ଆୟୋଜିତ ସଂସ୍କୃତ ସପ୍ତାହ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଅମୃତବାଣୀ ସେବା ପ୍ରତିଷ୍ଠାନର ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧକ୍ଷ ଡା. କୁମାର ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସଂସ୍କୃତ ଭାଷାକୁ ଘରେ ଘରେ ପହଞ୍ଚାଇବାକୁ ନିଷ୍ପାପର ଉଦ୍ୟମ ଲୋଡ଼ା ବୋଲି ମତବ୍ୟକ୍ତ କରିଥିଲେ। ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ଅରୁଣ ରଞ୍ଜନ ମିଶ୍ର, ଦକ୍ଷିଣଆଫ୍ରିକାର ଡା. ମୂରଲୀଧର ପଣ୍ଡା, ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ରାଧାଗୋବିନ୍ଦ ତ୍ରିପାଠୀ, ଡା. ସତ୍ୟନାରାୟଣ ଆଚାର୍ଯ୍ୟ ଓ ଅନ୍ୟମାନେ ଯୋଗଦେଇ ସଂସ୍କୃତ ଭାଷାର ମହତ୍ତ୍ୱ ବର୍ଣ୍ଣନା କରିଥିଲେ।

### ନିୟମିତ ହେଲେ ୨୭ କନିଷ୍ଠ ଶିକ୍ଷକ

କପ୍ତିପଦା,୨୭।୮(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ୨୭ କନିଷ୍ଠ ଶିକ୍ଷକ ନିୟମିତ ହୋଇଛନ୍ତି। ଗୋଷ୍ଠୀ ଶିକ୍ଷାଧିକାରୀ ରମାକାନ୍ତ ମହାନ୍ତି ସେମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବା ସହ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଜଗନମୋହନ ବେହେରା, ଘନଶ୍ୟାମ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ସତ୍ୟଶୋଭନ ପରିଡ଼ା, ନନ୍ଦନ କୁମାର ଭଦ୍ର, ଶକ୍ତିପଦ ଦାସ, ପାର୍ଥସାରଥୀ ମୁଦି, ଧର୍ମେନ୍ଦ୍ର ପୃଷ୍ଟି, ଭାନୁପ୍ରିୟା ସାହୁ ପ୍ରମୁଖ ସଭା ପରିଚାଳନା କରିଥିଲେ।

### ହିତାଧିକାରୀଙ୍କୁ ଗ୍ୟାସ୍ ବଣ୍ଟନ

ସୋର, ୨୭।୮(ଡି.ଏନ୍.ଏ.)-ବାଲେଶ୍ୱର ଜିଲା ସୋର ବ୍ଲକ ଅଧୀନ ସାଜନପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ହିତାଧିକାରୀଙ୍କୁ ଗ୍ୟାସ୍ ବଣ୍ଟନ କରାଯାଇଛି। ଶିରାପୁର ହାଇସ୍କୁଲ ପଡିଆରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ଯୋଜନାରେ ୩୫ ଜଣ ହିତାଧିକାରୀଙ୍କୁ ମାଗଣା ଗ୍ୟାସ୍ ଭର୍ତ୍ତି ଟାଙ୍କି, ଚୁଲା , ରେଗୁଲେଟର ଓ ପାଇପ୍ ବଣ୍ଟନ କରାଯାଇଛି।

# ୨ ବର୍ଷରେ ଚିହ୍ନଟ ହୋଇପାରିଲେନି ଯୁବ ଉଦ୍ୟୋଗୀ

**ଫେଲ୍ ମାରିଛି ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା**

ବାଲେଶ୍ୱର ଅଫିସ, ୨୭।୮

ବାଲେଶ୍ୱର ଜିଲାରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଆଜି ଯାଏ ଜଣେ ବି ଯୁବ ଉଦ୍ୟୋଗୀ ଚିହ୍ନଟ ହୋଇପାରିନାହାନ୍ତି। କୃଷି ବିଭାଗର ଅବହେଳା ଓ ବ୍ୟାଙ୍କ ଋଣ ପ୍ରଦାନରେ ବିଳମ୍ବ ଉକ୍ତ ଯୋଜନା ପାଇଁ ବାଧକ ସାଜିଛି। ଯୋଜନା ମୁତାବକ ପ୍ରତି ମାସରେ ପ୍ରତି ବ୍ଲକରୁ ଜଣେ କୃଷି ଉଦ୍ୟୋଗପତିଙ୍କୁ ଚିହ୍ନଟ କରାଯିବା କଥା। ୨୦୨୦ ଡିସେମ୍ବରରୁ ଏହି ଯୋଜନା ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି ବାଲେଶ୍ୱରରୁ ଜଣେ ବି ଚିହ୍ନଟ ହୋଇପାରିନାହାନ୍ତି। ଫଳରେ ଯୁବଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ମହାମାରୀ କରୋନାରେ ବହୁ ଯୁବକ ଜୀବିକା ହରାଇ ଜିଲାକୁ ଫେରିଥିଲେ। ଏହି ଯୋଜନା ସେମାନଙ୍କ ପାଇଁ ଅନ୍ଧର ଆଶାବାଡ଼ି ଭଳି ମନରେ ସଞ୍ଚାର ଭରିଥିଲା। ଯୁବଗୋଷ୍ଠୀଙ୍କୁ ରୋଜଗାରକ୍ଷମ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଏହି ଯୋଜନାକୁ କାର୍ଯ୍ୟକାରୀ କରିଥିଲେ। ଯୋଜନାରେ ସାମିଲ ଉଦ୍ୟୋଗପତିଙ୍କୁ ବ୍ୟାଙ୍କ ସୁଧହାରରେ ରିହାତି ସହିତ ସବ୍‌ସିଡ୍ ପ୍ରଦାନ ସୁବିଧା ରହିଛି। ବ୍ଲକସ୍ତରରେ ବାର୍ଷିକ ୨ଲକ୍ଷରୁ ଊର୍ଦ୍ଧ୍ୱ ଆୟ ଥିବା ଯୁବଚାଷୀଙ୍କୁ ଚିହ୍ନଟ କରିବାକୁ ଓଡ଼ିଶା କୃଷି ପ୍ରୋତ୍ସାହନ ଓ ପୁଞ୍ଜି ଲଗାଣ ନିଗମକୁ ଦାୟିତ୍ୱ ଦିଆଯାଇଥିଲା। ୨ରୁ ୧୦ଲକ୍ଷ ପର୍ଯ୍ୟନ୍ତ ନିଜ ବିନିଯୋଗ ଏବଂ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟାଙ୍କ ଋଣ ଦେବାର ବ୍ୟବସ୍ଥା ରହିଛି। ସାଧାରଣ ଯୁବବର୍ଗଙ୍କ ପାଇଁ ୫୦ପ୍ରତିଶତ ଏବଂ ମହିଳା, ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୪୦ ପ୍ରତିଶତ ସବସିଡ୍ ସହିତ ବ୍ୟାଙ୍କ ସୁଧ ହାର ୩ ପ୍ରତିଶତ କମ୍ କରିବାକୁ ସରକାର ଘୋଷଣା କରିଥିଲେ। ଚିହ୍ନଟ ଉଦ୍ୟୋଗପତିଙ୍କୁ କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗରେ ବିଭିନ୍ନ ସେକ୍ଟରରେ ସାମିଲ୍ କରିବାକୁ ସରକାର ଗାଇଡ୍‌ଲାଇନ୍ ଜାରି କରିଥିଲେ। ଉକ୍ତ ଯୋଜନାରେ ଜିଲାରୁ ଗତ ୨୦୨୦ରେ ୨୨ଜଣ ଏବଂ ଚଳିତବର୍ଷ ୧୨ଜଣ ଯୁବଚାଷୀ ସାମିଲ ପାଇଁ ଆବେଦନ କରିଥିଲେ। ହେଲେ କୃଷି ବିଭାଗ କର୍ତ୍ତୃପକ୍ଷଙ୍କ ଅବହେଳା ଓ ବ୍ୟାଙ୍କ ଋଣ ଦେବାରେ ବିଳମ୍ବ ଯୋଗୁ ଏହି ଯୋଜନାରୁ ଜଣେ ବି କେହି ସୁବିଧା ପାଇବାକୁ ସକ୍ଷମ ହୋଇପାରି ନାହାନ୍ତି। ଜିଲାପାଳ ଉକ୍ତ ଯୋଜନାର ସମୀକ୍ଷା କରି ଆବେଦନ କରିଥିବା କୃଷି ଉଦ୍ୟୋଗୀମାନଙ୍କୁ ଯଥାଶୀଘ୍ର ଋଣ ଯୋଗାଇ ଦେବା ପାଇଁ ସମସ୍ତ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ବ୍ୟାଙ୍କ ଅଧିକାରୀ ସମସ୍ତ କାଗଜପତ୍ର ପାଇ ନ ଥିବା ଆଳ ଦେଖାଇ ଋଣ ଦେବାରେ ବିଳମ୍ବ କରିଚାଲିଛନ୍ତି। ଅନ୍ୟପକ୍ଷରେ ଆବଶ୍ୟକ କାଗଜପତ୍ର ଦେବା ସତ୍ତ୍ୱେ ବ୍ୟାଙ୍କ ଋଣ ଦେବାରେ ଆଗ୍ରହ ପ୍ରକାଶ କରୁ ନ ଥିବାର କୃଷି ବିଭାଗ ଅଭିଯୋଗ କରିଛନ୍ତି। ସବୁପ୍ରକାର ସୁବିଧା ସତ୍ତ୍ୱେ ଜିଲାରେ ଉକ୍ତ ଯୋଜନା ଫେଲ୍ ମାରିଛି।

ଏନେଇ ଜିଲା ମୁଖ୍ୟ କୃଷି ଅଧିକାରୀ ନିକୁଞ୍ଜ ବସନ୍ତ ରାଉତଙ୍କୁ ପଚାରିବାରୁ ସେ କହନ୍ତି, ଏନେଇ ବ୍ୟାଙ୍କଗୁଡ଼ିକ ଦାୟୀ। ଆବଶ୍ୟକ କାଗଜପତ୍ର ଯୋଗାଇ ଦେବା ସତ୍ତ୍ୱେ ବ୍ୟାଙ୍କ କର୍ତ୍ତୃପକ୍ଷ ଋଣ ପ୍ରଦାନ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। କୃଷି ଉଦ୍ୟୋଗ ଯୋଜନାରେ ଚିହ୍ନଟ ଯୁବଚାଷୀମାନଙ୍କୁ ଋଣ ଦେବାକୁ ଜିଲାପାଳ ସବୁ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଥିବାର ପ୍ରକାଶ କରିଥିଲେ।

# ପୋଲିସକୁ ଠେଲାପେଲା, ଭିଡିଓ ଭାଇରାଲ୍

**ମେଣ୍ଢା ଲଢ଼େଇ, ଜୁଆଖେଳ ବନ୍ଦ କରିବାରୁ ଆକ୍ରୋଶର ଶିକାର ହେଲେ**



ଜଣେ ପୋଲିସ କର୍ମଚାରୀଙ୍କୁ ଟାଣିଟାଣି ନିଆଯାଉଛି।

ବାରିପଦା ଅଫିସ,୨୭।୮

ମେଣ୍ଢା ଲଢ଼େଇ ଓ ଜୁଆଖେଳକୁ ବିରୋଧ କରିବାକୁ ଯାଇଥିବା ମୟୂରଭଞ୍ଜ ଜିଲା ଜାମଦା ପୋଲିସ ଆୟୋଜକଙ୍କ ଆକ୍ରୋଶର ଶିକାର ହୋଇଛି । ଆୟୋଜକମାନେ ପୋଲିସ କର୍ମଚାରୀମାନଙ୍କୁ ଠେଲାପେଲା କରିଥିବା ନେଇ ସୂଚନା ମିଳିଛି। ଏନେଇ ଥାନାରେ ଏକ ମାମଲା(ନଂ.୫୬/୨୧) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଜାମଦା ଥାନା ଅଧୀନ ବଡ଼ଗୁଡ୍ଡୁ ଗ୍ରାମରେ କେତେଜଣ ଯୁବଗୋଷ୍ଠୀ ମେଣ୍ଢା ଲଢ଼େଇ ପ୍ରତିଯୋଗିତାର ଆୟୋଜନ କରି ସୋସିଆଲ ମିଡ଼ିଆରେ ପ୍ରଚାର ପ୍ରସାର କରିଥିଲେ। ପଡ଼ୋଶୀ ଜିଲା ତଥା ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟରୁ ହଜାର ହଜାର ଲୋକ ଗୁରୁବାର ମେଣ୍ଢା ଲଢ଼େଇ ଦେଖିବାକୁ ଆସିଥିଲେ। ଭରପୁର ଜନଗହଳି ମଧ୍ୟରେ ଜୁଆ ଖେଳ ଓ ମଦ ବେପାର ମଧ୍ୟ ଚାଲିଥିଲା । ଥାନା ଠାରୁ ୫କି.ମି. ଦୂରରେ କୋଭିଡ୍ କଟକଣାକୁ ବେଖାତିର କରି ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ତେବେ ଏହାକୁ ବିରୋଧ କରି ଅଞ୍ଚଳବାସୀ ଏସ୍‌ପିଙ୍କୁ ଅବଗତ କରିବା ପରେ ଜଣେ ଅଫିସରଙ୍କ ସହ ୪ ହୋମଗାର୍ଡ ସେଠାରେ ପହଞ୍ଚି ପ୍ରତିଯୋଗିତାକୁ ବନ୍ଦ କରିବାକୁ ତାଗିଦ୍ କରିଥିଲେ। ମାତ୍ର ଆୟୋଜକମାନେ ପୋଲିସର କୌଣସି କଥାକୁ ଶୁଣି ନ ଥିଲେ। ଉତ୍ତ୍ୟକ୍ତ ହୋଇ ପୋଲିସ କର୍ମଚାରୀମାନଙ୍କୁ ଟାଣି ଟାଣି ନେଇ ଗୋଟିଏ ଗାଡ଼ି ଭିତରେ ଭର୍ତ୍ତିକରି ରଖିଥିଲେ। ଏହି ଘଟଣାର ଭିଡିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାକୁ ଲାଗିଛି। ତେବେ ଥାନାଠାରୁ ଅନତି ଦୂରରେ ଏଭଳି ଆୟୋଜନ ହେବା ସମ୍ପର୍କରେ ପୋଲିସ କିଭଳି ପୂର୍ବ ସୂଚନା ପାଇ ପାରିଲା ନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଷଠୀରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଗଣଧାରଣା



ଗଣଧାରଣାରେ ବସିଥିବା ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତା ଓ ଅନ୍ୟମାନେ।

ବାହାନଗା, ୨୭।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକର ଷଠୀଠାରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଶୁକ୍ରବାର ସଚେତନ ନାଗରିକ ମଞ୍ଚ ପକ୍ଷରୁ ଗଣଧାରଣା ଦିଆଯାଇଛି। ପ୍ରଥମେ ବାହାନଗା ପୁରୁଣା ବଜାରଠାରୁ ଲୋକେ ଶୋଭାଯାତ୍ରାରେ ବାହାରି ବ୍ଲକ ପରିସରରେ ପହଞ୍ଚିଥିଲେ । ପରେ ସେଠାରେ ପ୍ରତିବାଦ ସଭା ସଚେତନ ନାଗରିକ ମଞ୍ଚ ସଭାପତି ଖଗପତି ଯେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ନିତ୍ୟାନନ୍ଦ ବାରିକଙ୍କ ସମେତ ୧୯ନମ୍ବର ଜିଲା ପରିଷଦ ସଭ୍ୟ ଇଂ. ଶରତ ଚନ୍ଦ୍ର ରାଜ, ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ, ସଭ୍ୟ ବିଶ୍ୱନାଥ ମହାପାତ୍ର, ଈଶ୍ୱର ଚନ୍ଦ୍ର ରାଉତ, ଶରତ ଚନ୍ଦ୍ର ରଣା, ରତ୍ନାକର ମହାନ୍ତି, କୈଳାସ ଚନ୍ଦ୍ର ସାହୁ, ପୁଷ୍ପଲତା ବେହେରା, କନକଲତା ଦାସ ଓ ସୁରେନ୍ଦ୍ର ମହାଳିକ ପ୍ରମୁଖ ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣ କରିବା ନେଇ ସମାଲୋଚନା କରିଥିଲେ। ଷଠୀରେ ଆବଶ୍ୟକ ଜମି ଥିବା ବେଳେ ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ସରକାର ୨ଥର ଟେଣ୍ଡର ଡାକିଥିଲେ ମଧ୍ୟ ଘର ନିର୍ମାଣ ନ କରି ଏହାକୁ ରାଜନୈତିକ ଉଦ୍ଦେଶ୍ୟ ରଖି ସ୍ଥାନାନ୍ତର କରିବାକୁ ବିରୋଧ କରାଯାଇଛି। ଏହି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଗଣଧାରଣା ଚାଲୁରହିବ ବୋଲି କୁହାଯାଇଛି। ଦିନତମାମ ବାହାନଗା ସଦର ମହୁକମାରେ ଥିବା ସରକାରୀ ବିଦ୍ୟାଳୟ, ଦୋକାନ ବଜାର ଓ ବାହାନଗାର ସବୁଠାରୁ ବଡ ସାପ୍ତାହିକ ହାଟ ବାରିକପୁର ହାଟକୁ ବନ୍ଦ କରାଯିବା ସହିତ ସରକାରୀ କାର୍ଯ୍ୟାଳୟ ବନ୍ଦ ରଖାଯାଇଥିଲା । ବ୍ଲକର ମୁଖ୍ୟ ଫାଟକ ବନ୍ଦ ଥିବାରୁ ଶୋଭାଯାତ୍ରାରେ ଆସୁଥିବା ଲୋକମାନେ ବ୍ଲକ ଭିତରକୁ ପଶି ନ ପାରି ଉତ୍ତ୍ୟକ୍ତ ହୋଇ ୧୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ପରେ ଖନ୍ତାପଡା ଓ ସୋର ଥାନା ପୋଲିସ ବିଡିଓଙ୍କ ସହିତ ଆଲୋଚନା ପରେ ବ୍ଲକ ଫାଟକ ଖୋଲାଯାଇଥିଲା। ପରେ ଜାତୀୟ ରଜପଥ ଅବରୋଧ ହଟିଥିଲା।

# ଡିଜିଟାଲ ହସ୍ପିଟାଲ ପ୍ରତିଷ୍ଠା ଦାବି

ଲଙ୍ଗଳେଶ୍ୱର, ୨୭।୮(ଡି.ଏନ.ଏ.)

ବାଲିଆପାଳ ବ୍ଲକ କୁଣ୍ଡୁଳି ପଞ୍ଚାୟତର ନିମପଦାଠାରେ ଡିଜିଟାଲ ହସ୍ପିଟାଲ ପ୍ରତିଷ୍ଠା ଦାବି ହୋଇଛି। ଭୌଗୋଳିକ ଦୃଷ୍ଟିକୋଣରୁ କୁଣ୍ଡୁଳି ଏକ ବଡ଼ ପଞ୍ଚାୟତ। ଭାନୁପୁର, ଶଙ୍ଖୁଆ, ସୁନାଡିହା, ଇନ୍ଦିପଡ଼ା, ନିମପଦା, ଶିବପୁରା, ଉତ୍ତର ମହାପଦା, ଦକ୍ଷିଣ ମହାପଦା, କୁଣ୍ଡୁଳି, କୁଣ୍ଡୁଳିଚକ, ଦାଣ୍ଡିପଦା ଆଦି ୧୦ ଗ୍ରାମର ୧୦ହଜାରରୁ ଊର୍ଦ୍ଧ୍ୱ ଲୋକ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ଲଙ୍ଗଳେଶ୍ୱରକୁ ୮ରୁ ୧୦ କି.ମି. ରାସ୍ତା ଯାଇ ଚିକିତ୍ସା ହେବା କଷ୍ଟକର ହୋଇପଡ଼େ। ଏଠାରେ ଡିଜିଟାଲ ହସ୍ପିଟାଲ ହେଲେ କୁଣ୍ଡୁଳି ସମେତ ସାହାଡ଼ା, ସାଉଡ଼ି ଆଦି ପଞ୍ଚାୟତର ଲୋକ ଉପକୃତ ହୁଅନ୍ତେ। ଡାକ୍ତରଙ୍କ ଅନୁପସ୍ଥିତିରେ ରୋଗୀମାନେ ଫୋନ ମାଧ୍ୟମରେ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ନେଇପାରିବେ। ପୂର୍ବତନ ସରପଞ୍ଚ ଗୋପୀନାଥ ବେହେରା, ସରୋଜ ନାୟକ, ଲକ୍ଷ୍ମୀଧର ବେହେରା, ଶ୍ରୀକାନ୍ତ ଦାସ, ରତ୍ନାକର ସେଠୀ, ବିଜୟ ସେଠୀ, ବାବାଜୀ ବେହେରା, ରବୀନ୍ଦ୍ର ମହାନ୍ତି, କମଳାକାନ୍ତ ମହାଳିକ, ଅମରେନ୍ଦ୍ର ପଟ୍ଟାୟତଙ୍କ ସମେତ ଶତାଧିକ ଲୋକ ସ୍ଥାନୀୟ ବିଧାୟକ ନିତ୍ୟାନନ୍ଦ ସାହୁ, ଏମ୍‌ପି ପ୍ରତାପ ଷଡ଼ଙ୍ଗୀ, ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ, ସିଡିଏମ୍‌ଓଙ୍କଠାରେ ଦାବି କରିଥିଲେ ମଧ୍ୟ କିଛି ସୁଫଳ ମିଳିନି। ଖୁବଶୀଘ୍ର ପଦକ୍ଷେପ ନେବାକୁ ଦାବି ହୋଇଛି।

# କ୍ଷେତ୍ର ପରିଦର୍ଶନ କରି ତଥ୍ୟ ନେବେ ଅଧିକାରୀ

ବନ୍ତ,୨୭।୮(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକର ଚାଷୀମାନେ ଚଳିତ ଖରିଫ ଋତୁ ପାଇଁ ବିଭିନ୍ନ ସେବା ସମବାୟ ସମିତି ଜରିଆରେ ପଞ୍ଜୀକରଣ ପାଇଁ ଆବେଦନ କରିଛନ୍ତି। ଏହି ପରିପେକ୍ଷୀରେ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ଚାଷୀମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବେ ବୋଲି ଶୁକ୍ରବାର ବ୍ଲକ ସମ୍ମିଳନୀ କକ୍ଷରେ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି।

ତହସିଲଦାର ଇନ୍ଦିରା ସାହୁ ଏଥିରେ ଅଧକ୍ଷତା କରିଥିଲେ। ଅତିରିକ୍ତ ତହସିଲଦାର ବିନିତାରାଣୀ କିସ୍କୁ, ସହକାରୀ କୃଷି ଅଧିକାରୀ ତୁଷାରକାନ୍ତ ପତି, ବ୍ଲକ ଯୋଗାଣ ଅଧିକାରୀ ଅଶୋକ କୁମାର ବେହେରାଙ୍କ ସହ ସମସ୍ତ ରାଜସ୍ୱ ନିରୀକ୍ଷକ, ଗ୍ରାମ୍ୟ କୃଷି କର୍ମଚାରୀ, ୧୦ ସମବାୟ ସମିତି ଓ ୭ ପଞ୍ଚାୟତ ସ୍ତରୀୟ ମହିଳା ମହାସଂଘ, ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତା ଯୋଗ ଦେଇଥିଲେ। ଆସନ୍ତା ସେପ୍ଟେମ୍ବର ୭ ସୁଦ୍ଧା ସମସ୍ତ ରାଜସ୍ୱ ନିରୀକ୍ଷକ, ଗ୍ରାମ୍ୟ କୃଷି କର୍ମଚାରୀ ଓ ସମିତି ସମ୍ପାଦକ ବିଭିନ୍ନ ଗ୍ରାମକୁ ଯାଇ ପଞ୍ଜୀକରଣ ପାଇଁ ଆବେଦନ କରିଥିବା ଚାଷୀମାନଙ୍କ ଜମି ଠିକ୍ ରହିଛି କି ନାହିଁ, ଭାଗ ଚାଷୀ ଓ ସଂଯୁକ୍ତ ଥିବା ଜମିର ଅଂଶୀଦାର ଚାଷୀଙ୍କୁ ସମ୍ମତି ପ୍ରଦାନ କରିଛନ୍ତି କି ନାହିଁ, ଚାଷ ହୋଇଥିବା ଜମି ଜଳସେଚିତ କି ନୁହେଁ, ପ୍ରକୃତରେ ଚାଷୀ ଚାଷ କରିଛନ୍ତି କି ନାହିଁ, କେତେ ଜମି ଚାଷ ହୋଇଛି ଆଦି ସମ୍ପର୍କରେ କ୍ଷେତ୍ର ପରିଦର୍ଶନ କରି ତଥ୍ୟ ସଂଗ୍ରହ କରିବେ। ଏହାପରେ ଉକ୍ତ ତଥ୍ୟ ପୋର୍ଟାଲରେ ଅପ୍‌ଡେଟ କରିବାକୁ ପରାମର୍ଶ ଦିଆଯାଇଛି।



ବୈଠକରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ।

# ନିର୍ମାଣ ସରିଛି, ହସ୍ତାନ୍ତର ହେଉନି

ବନ୍ତ,୨୭।୮(ଡି.ଏନ.ଏ./ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଗୋପିନାଥପୁର ପଞ୍ଚାୟତରେ ଦୁଇଟି ସରକାରୀ ଗୃହ ନିର୍ମାଣ କାର୍ଯ୍ୟ ସରିଥିଲେ ମଧ୍ୟ ତାହା ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର କରାଯାଇ ନାହିଁ। ପ୍ରକାଶ ଯେ, ଏହି ପଞ୍ଚାୟତର ୧୨ନଂ. ୱାର୍ଡ ମଙ୍ଗଳା ପୀଠଠାରେ ଆମ ଗାଁ ଆମ ବିକାଶ ଯୋଜନାରେ ୪ ଲକ୍ଷ ଓ ରାଜ୍ୟ ଅର୍ଥ କମିଶନର ୧ ଲକ୍ଷ ଟଙ୍କା ଅନୁଦାନରେ ମିଶନଶକ୍ତି କାର୍ଯ୍ୟାଳୟର ନିର୍ମାଣ କାର୍ଯ୍ୟ ୩ ମାସ ତଳୁ ଶେଷ ହୋଇଛି। ମାତ୍ର ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ଗୃହକୁ ଅଦ୍ୟାବଧି ଗ୍ରାମପଞ୍ଚାୟତ ସ୍ତରୀୟ ମହାସଂଘ (ଜିପିଏଲ୍‌ଏଫ୍)କୁ ହସ୍ତାନ୍ତର କରାଯାଇ ନାହିଁ। ଉକ୍ତ ଗୃହକୁ ଯଥାଶୀଘ୍ର ଗ୍ରାମପଞ୍ଚାୟତ ସ୍ତରୀୟ ମହାସଂଘକୁ ହସ୍ତାନ୍ତର କରାଯିବା ସହ ଅଫିସ ନିକଟକୁ ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ମହିଳା ମହାସଂଘର ପୂର୍ବତନ ସଭାନେତ୍ରୀ କୁଞ୍ଜଲତା ଯେନା, ସମ୍ପାଦିକା ଚମ୍ପା ଯେନା, ସଭ୍ୟା କଳ୍ପନା ଯେନା, ଲକ୍ଷ୍ମୀ ଦାସ, ପାର୍ବତୀ ଯେନା ଓ ଲକ୍ଷ୍ମୀ ଯେନା ଦାବି କରିଛନ୍ତି।

ସେହିପରି ପଞ୍ଚାୟତ କାର୍ଯ୍ୟାଳୟଠାରେ ୬ଲକ୍ଷ ୭୦ ହଜାର ଟଙ୍କା ବ୍ୟୟରେ ଏକ ପ୍ରାଣୀଧନ ସହାୟକ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ୪ବର୍ଷ ହେଲା ଶେଷ ହୋଇଥିଲେ ମଧ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ପ୍ରାଣୀ ସମ୍ପଦ ବିଭାଗକୁ ହସ୍ତାନ୍ତର କରାଯାଇ ନାହିଁ। ଫଳରେ ଉକ୍ତ ଗୃହ ବ୍ୟବହାର ହେଉ ନ ଥିବା ଯୋଗୁ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇଛି। ଏ ସମ୍ପର୍କରେ ବ୍ଲକ ସହକାରୀ ଯନ୍ତ୍ରୀ ଜୟଦେବ ପାତ୍ରଙ୍କୁ ପଚାରିବାରୁ କହିଛନ୍ତି, ମିଶନ ଶକ୍ତି ଗୃହ ବାବଦରେ ସିଡିପିଓଙ୍କୁ ଚିଠି କରାଯାଇଛି। ଖୁବ୍‌ଶୀଘ୍ର ସମାଧାନ ହେବ। ସେହିପରି ନବନିର୍ମିତ ପ୍ରାଣୀଧନ ସହାୟକ କେନ୍ଦ୍ର ଗୃହ ପରିଦର୍ଶନ କରି ପଦକ୍ଷେପ ନେବେ।

# ୧୫୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

ଜଳେଶ୍ୱର, ୨୭।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱରରୁ ଯାଜପୁର ବ୍ରାଉନ୍‌ସୁଗାର ଚାଲାଣ ହେଉଥିବା ବେଳେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୧୫୦ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ଅଧୀକ୍ଷକ ଅଶୋକ କୁମାର ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉପ ଅଧୀକ୍ଷକ ସୁଶାନ୍ତ କୁମାର ପାଢ଼ୀଙ୍କ ନେତୃତ୍ୱରେ ଏକ ୧୫ଜଣିଆ ଟିମ୍ ୬୦ନଂ. ଜାତୀୟ ରାଜପଥର ଜଳେଶ୍ୱର ଥାନା ଅଞ୍ଚଳରେ ଛକି ରହିଥିଲେ। ଜଳେଶ୍ୱରରୁ ବ୍ରାଉନ୍‌ସୁଗାର ଚାଲାଣ ବେଳେ ଶୁକ୍ରବାର ଭୋର ସମୟରେ ଏହି ଟିମ୍ ଚାଲନ୍ତି ଛକ ନିକଟରେ ଏକ ଗାଡି (ନଂ. ଓଡି୩୪ଜି-୨୬୧୨)କୁ ଅଟକାଇଥିଲେ। ସେଥିରେ ଡ୍ରାଇଭର ଓ ଅନ୍ୟ ଜଣେ ମହିଳା ଥିବାରୁ ଅବକାରୀ ବିଭାଗ ତଲାସି କରିଥିଲା। ଗାଡ଼ିରୁ ୧୫୦ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିଲା। ଅବକାରୀ ବିଭାଗ ପକ୍ଷରୁ ଯାଜପୁର ଜିଲାର ଯାଜପୁରରୋଡ ଥାନା ଅଧୀନ କଚହୁଡି ଗାଁର ପ୍ରଫୁଲ୍ଲ ପାତ୍ର(୪୧) ଓ ବିଞ୍ଝାରପୁର ଥାନାର ମିର ମହଲା ଗାଁର ନଗମା ବିବି(୬୦)ଙ୍କୁ ଗିରଫ କରାଯାଇଛି। ଏନେଇ ମାମଲା (ନଂ. ୭୨/୨୧) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ରେଳ ଲାଇନ ସମ୍ପ୍ରସାରଣ ଦାବିରେ ପଦଯାତ୍ରା

ବାଙ୍ଗିରିପୋଷି,୨୭।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି-ଗୋରୁମହିଷାଣୀ ରେଳ ଲାଇନ ସମ୍ପ୍ରସାରଣ ଦାବିରେ ଭଞ୍ଜସେନା ପକ୍ଷରୁ ଶୁକ୍ରବାରଠାରୁ ପଦଯାତ୍ରା ଆରମ୍ଭ ହୋଇଛି। ବାଙ୍ଗିରିପୋଷି ରେଳ ଷ୍ଟେଶନଠାରୁ ଗୋରୁମହିଷାଣୀ ପର୍ଯ୍ୟନ୍ତ ଦୀର୍ଘ ୭୨ କି.ମି. ଏହି ପଦଯାତ୍ରା ଚାଲିବ। ଜିଲାର ଅନ୍ୟାନ୍ୟ ଛୋଟ ବଡ଼ ସଂଗଠନ ମଧ୍ୟ ପଦଯାତ୍ରାରେ ସାମିଲ ହୋଇଛନ୍ତି। ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ପଦଯାତ୍ରା ଆବାହକ ରାକେଶ ସିଂ, ମୟୂରଭଞ୍ଜ ଆଦିବାସୀ ସେଲ୍ ସଭାପତି ବାଜୁନ ହାଁସଦା, ବାରିପଦା ଉପଖଣ୍ଡ ସମ୍ପାଦକ ମନୋରଞ୍ଜନ ବାରିକ ପ୍ରମୁଖଙ୍କ ସହ ୨୫ରୁ ଊର୍ଦ୍ଧ୍ୱ ଯୁବକ ଏଥିରେ ସାମିଲ ହୋଇଥିଲେ। ମୁଖ୍ୟଅତିଥି ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ଦାସ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରେଳ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୟ ଅଗ୍ରୱାଲ, ସମ୍ପାଦକ ଶାନ୍ତନୁ ଦାଶ, ବିକାଶ ପଣ୍ଡା, ସଂଯୁକ୍ତା ବଶା, ଲକ୍ଷ୍ମଣ କିଶାନ ମୁର୍ମୁ, ରବୀନ୍ଦ୍ର ସେଠୀଙ୍କ ସହ ବରିଷ୍ଠ ନାଗରିକ, ମହିଳା ଓ ଯୁବକ ଉପସ୍ଥିତ ଥିଲେ।



ପଦଯାତ୍ରାରେ ସାମିଲ ଭଞ୍ଜସେନାର କର୍ମକର୍ତ୍ତାମାନେ।

# ‘ପୌରାଞ୍ଚଳରେ ଗ୍ରାମସଭା ହେଉ’

ବାରିପଦା ଅଫିସ,୨୭।୮

ପୌରାଞ୍ଚଳରେ ଥିବା ଜଙ୍ଗଲ କିସମ ଜମି ପରିବର୍ତ୍ତନ ନିମନ୍ତେ ୱାର୍ଡ ସ୍ତରରେ ଗ୍ରାମସଭା କରିବା ପାଇଁ ସଚେତନ ନାଗରିକ ମଞ୍ଚ ଦାବି କରିଛି। ଗ୍ରାମସଭା ଦ୍ୱାରା ପ୍ରସ୍ତାବ ଗୃହୀତ କରାଯାଇ ଡିଏଫଓଙ୍କୁ ପ୍ରଦାନ କଲେ ବିଭାଗ ପକ୍ଷରୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାଦ୍ୱାରା ଜଙ୍ଗଲ ଜମିରେ ବସବାସ କରୁଥିବା ଲୋକେ ଉପକୃତ ହେବା ସହ ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ ଆଦି ସ୍ଥାପନ କରାଯାଇପାରିବ। ମାତ୍ର ବାରିପଦା ପୌରପରିଷଦ ତରଫରୁ ୱାର୍ଡମାନଙ୍କରେ ଜଙ୍ଗଲ ଜମି ଡାଇଭରସନ ନିମନ୍ତେ ଗ୍ରାମସଭା କରାଯାଉ ନାହିଁ। ପୌରପାଳିକା ନିର୍ବାହୀ ଅଧିକାରିଣୀ ଅନ୍ୟା ଦାସ ବାରିପଦା ବନଖଣ୍ଡ ଅଧିକାରୀଙ୍କ ସହିତ ଆଲୋଚନା କରି ସବୁ ୱାର୍ଡରେ ଗ୍ରାମସଭା ଗଠନ କରିବାକୁ ବାରିପଦାର ପୂର୍ବତନ ବିଧାୟକ ତଥା ସଚେତନ ନାଗରିକ ମଞ୍ଚ ସଭାପତି କିଶୋର ଦାଶ ଦାବି କରିଛନ୍ତି।

# ସଙ୍ଗଠନ ମଜଭୁତ କରିବାକୁ ଆହ୍ୱାନ

ରୂପସା, ୨୬।୮(ଡି.ଏନ.ଏ.)

ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଅଧୀନ ହଳଦୀପଦାଠାରେ ଶୁକ୍ରବାର ରୂପ୍‌ସା ମଣ୍ଡଳ ଭାଜପାର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ତପନ ଗିରି ସଭାପତିତ୍ୱ କରିଥିଲେ। ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ମାନସ ଦତ୍ତ ଯୋଗଦେଇ ସଂଗଠନକୁ ଗ୍ରାମାଞ୍ଚଳରୁ ମଜଭୁତ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ୨୦୨୨ ସୁଦ୍ଧା ପ୍ରଧାନମନ୍ତ୍ରୀ ଆବାସରେ ପକ୍କା ଘର ଯୋଗାଇବା ପାଇଁ ପ୍ରଚୁର ଅର୍ଥ ଦେଉଥିବା ବେଳେ ବିଜେଡି ସରକାର ଏହାକୁ ବାଟମାରଣା କରିବା ନିନ୍ଦନୀୟ। ରାଜ୍ୟ ସରକାର କେନ୍ଦ୍ରୀୟ ପାଣ୍ଠି ଓ ଯୋଜନାକୁ ନିଜ ନାମରେ ନାମିତ କରି ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। କେନ୍ଦ୍ର ସରକାର ଜଳ ଜୀବନ ମିଶନରେ ପ୍ରଚୁର ଅର୍ଥ ଯୋଗାଉଥିବା ବେଳେ ଗ୍ରାମାଞ୍ଚଳରେ ୭୦ଭାଗ ପାଣିପଞ୍ଚାୟତ ଅଚଳ ହୋଇପଡ଼ିଛି। ମୋଦି ସରକାର ପ୍ରତ୍ୟେକ ପଞ୍ଚାୟତକୁ ରାସ୍ତା, ଡ୍ରେନ, ଆଲୁଅ ତଥା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଦଳମତ ନିର୍ବିଶେଷରେ ପ୍ରଚୁର ଅର୍ଥ ଦାନ କରୁଛନ୍ତି। ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଭାରତ ସରକାର ଦୁଇ ହସ୍ତରେ ଅର୍ଥ ଉଜାଡ଼ି ଦେଉଥିବା ବେଳେ ରାଜ୍ୟ ସରକାର ଉକ୍ତ ଅର୍ଥରେ ଦଳୀୟ ପ୍ରଚାର କରିବା, ଏଫ୍‌ଡିଆର୍ ଟଙ୍କାକୁ ଠିକ୍ ଢଙ୍ଗରେ ଖର୍ଚ୍ଚ ନ କରିବା ନିନ୍ଦନୀୟ ବୋଲି ଦତ୍ତ କହିଥିଲେ।



କାର୍ଯ୍ୟକାରିଣୀ ବୈଠକରେ ଭାଜପା କର୍ମକର୍ତ୍ତା।

**ରୂପସା ମଣ୍ଡଳ ଭାଜପା କାର୍ଯ୍ୟକାରିଣୀ**

ରୂପ୍‌ସା ମଣ୍ଡଳ ଅନ୍ତର୍ଗତ ୮ଟି ପଞ୍ଚାୟତ ଶ୍ରୀରାମପୁର, ରସଲପୁର, କଷିପଦା, ରୂପସା ସାମିଲ, ହସନପୁର, ଆଙ୍କୋ, ହଳଦୀପଦା, ରାଇସୁଁଆ ଓ କୁରାଢ଼ିହାର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ଗଙ୍ଗାଧର ରାଉତ, ଗୌରାଙ୍ଗ ଦାସ, ରାଧାକୃଷ୍ଣ ଜେନା, ସୁବେଶ ନାୟକ, ଅନ୍ତର୍ଯ୍ୟାମୀ ବେହେରା, ହରେନ୍ଦ୍ର ପ୍ରଦାନ, ଲୋକନାଥ ଭୂୟାଁ, ସୃଷ୍ଟିଧର ସେନାପତି, ମନୋରଞ୍ଜନ ଦାସ, ଶ୍ରୀଧର ବେହେରା, କୌଶିକ ଚାନ୍ଦ, ଅନୀତା ବେହେରା, ସନ୍ତୋଷ ସେଠୀ ଓ ବବଲୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

